## ସଂକ୍ଷେପରେ

### ବିଦ୍ୟୁତ୍ ଷ୍ଟ୍ରକଚରରେ ଡକାୟତି ଘଟଣାରେ ଆଉ ଜଣେ ଗିରଫ

ଢେଙ୍କାନାଳ,୨୨।୮(ରତନ ନାୟାର)

ଢେଙ୍କାନାଳ ସହର କଲେଜ ବାଇପାସ୍‌ଠାରେ ୨୦୨୩ ଡିସେମ୍ବର ୩୧ ତାରିଖ ରାତିରେ ସ୍ଥାନୀୟ ବିଦ୍ୟୁତ ଷ୍ଟ୍ରକଚରରେ ଡକାୟତି ଘଟଣାରେ ଫେରାର ଥିବା ଦୁଇ ଅଭିଯୁକ୍ତଙ୍କ ମଧ୍ୟରୁ ରାଜେଶ ନାୟକ(୨୨)ଙ୍କୁ ଗୁରୁବାର ଟାଉନ ଥାନା ପୋଲିସ ଗିରଫ କରିଛି। ରାଜେଶଙ୍କୁ ଅନୁଗୋଳରୁ ଗିରଫ କରାଯାଇଛି । ତାଙ୍କ ଘର ଅନୁଗୋଳ ଜିଲା କଳିଅରୀ ଥାନା ଅଞ୍ଚଳରେ। ଏହି ଡକାୟତି ମାମଲାରେ ମୋଟ ଗିରଫଙ୍କ ସଂଖ୍ୟା ୧୧ ହୋଇଛି। ଏହି ଘଟଣାରେ ଅନ୍ୟଜଣେ ଫେରାର ଥିବା ଟାଉନ ଥାନା ଅଧିକାରୀ ପ୍ରଭାତ ସାହୁଙ୍କ ସୂଚନାରୁ ଜଣାପଡିଛି।

### ଏଲ୍‌ଆଇସି ଶାଖା କାର୍ଯ୍ୟାଳୟ ଖୋଲିବାକୁ ଦାବି

କଣିହାଁ,୨୨।୮(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ଅଞ୍ଚଳରେ ଭାରତୀୟ ଜୀବନ ବୀମା ନିଗମ (ଏଲଆଇସି)ର ଏକ ଶାଖା କାର୍ଯ୍ୟାଳୟ ଖୋଲିବା ପାଇଁ ସାଧାରଣରେ ଦାବି ହୋଇଛି। କଣିହାଁ ବ୍ଲକରେ ଏନ୍‌ଟିପିସି, ଏମ୍‌ସିଏଲ୍, ଜେଆଇଟିପିଏଲ, ପାୱାରଗ୍ରୀଡ, ରେଙ୍ଗାଳି ଜଳ ବିଦ୍ୟୁତ୍ ପ୍ରକଳ୍ପ, ସମଲ ବ୍ୟାରେଜ, ଓପିଟିସିଏଲ୍ ଆଦି କାର୍ଯ୍ୟାଳୟ ରହିଛି। ଏଠାରେ ୧୦ରୁ ୧୫ ହଜାର ଏଲ୍‌ଆଇସି ଉପଭୋକ୍ତା ଅଛନ୍ତି। କିନ୍ତୁ କଣିହାଁରେ ଏଲ୍‌ଆଇସି ଶାଖା ନ ଥିବାରୁ ୪୦ କି.ମି. ଦୂର ତାଳଚେରଠାରେ ଥିବା ଭାରତୀୟ ଜୀବନ ନିଗମର ଶାଖା କାର୍ଯ୍ୟାଳୟକୁ ଉପଭୋକ୍ତାମାନେ ସେବା ପାଇଁ ଯିବା ବେଳେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ କଣିହାଁରେ ଏକ ଶାଖା କାର୍ଯ୍ୟାଳୟ ଖୋଲାଯିବାକୁ ସାଧାରଣରେ ଦାବି ହୋଇଛି ।

### ସ୍ତ୍ରୀଙ୍କୁ ମାଡ଼ ଅଭିଯୋଗ

ବଇଣ୍ଡା,୨୨।୮(ପରିକ୍ଷିତ ସାହୁ)

କିଶୋରନଗର ଥାନା କେନ୍ଦୁନାଳୀ ଗ୍ରାମର ସସ୍ମିତା ସାହୁଙ୍କୁ ତାଙ୍କ ସ୍ୱାମୀ ଶାନ୍ତନୁ କୁମାର ସାହୁ ମାଡ଼ ମାରିଥିବା ବୁଧବାର ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ନମ୍ବର ୧୮୮/୨୪ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ସସ୍ମିତାଙ୍କୁ ଶାନ୍ତନୁ ବହୁ ବର୍ଷ ପୂର୍ବେ ବିବାହ କରିଥିଲେ। ହେଲେ ବିନା କାରଣରେ ତାଙ୍କୁ ମାଡ଼ ମାରିବା ସହ ନିର୍ଯାତନା ଦେଉଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।

# ଦାବି ପୂରଣ ନ ହେଲେ ଆନ୍ଦୋଳନ

### ଏମ୍‌ସିଏଲ୍ ଜଗନ୍ନାଥ କ୍ଷେତ୍ର ମହାପ୍ରବନ୍ଧକଙ୍କୁ ଦାବିପତ୍ର

ତାଳଚେର,୨୨।୮ (ମନୋଜ ନନ୍ଦ)




ଆଗାମୀ ସାତ ଦିନ ମଧ୍ୟରେ ଘଣ୍ଟପଡ଼ା ପଞ୍ଚାୟତବାସୀଙ୍କ ଦାବି ପୂରଣ ନ ହେଲେ ଅର୍ଥନୈତିକ ଅବରୋଧ କରିବା ସହ ଏମ୍‌ସିଏଲ୍‌ର ଜଗନ୍ନାଥ କ୍ଷେତ୍ର କାର୍ଯ୍ୟାଳୟକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏନେଇ ଜଗନ୍ନାଥ କ୍ଷେତ୍ରର ମହାପ୍ରବନ୍ଧକ ଏ.କେ. ଧଳଙ୍କୁ ଭେଟି ଗୁରୁବାର ୩ ଦଫା ସମ୍ବଳିତ ଏକ ପତ୍ର ପ୍ରଦାନ କରିଛନ୍ତି। ଘଣ୍ଟପଡା ପଞ୍ଚାୟତରେ ସୃଷ୍ଟି ହେଉଥିବା ବାରମ୍ବାର ପାଣି ସମସ୍ୟାକୁ ସ୍ଥାୟୀ ସମାଧାନ କରିବା, ପଞ୍ଚାୟତ ପାଇଁ ଉଦ୍ଦିଷ୍ଟ ସିଏସ୍‌ଆର ଅଧୀନରେ ହେବାକୁ ଥିବା ଉନ୍ନତିମୂଳକ କାର୍ଯ୍ୟକୁ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବା ଏବଂ ପଞ୍ଚାୟତର ବେକାର ଯୁବତୀଯୁବକମାନଙ୍କୁ ସିକ୍ୟୁରିଟି ଗାର୍ଡ ଓ ଶିକ୍ଷାଗତ ଯୋଗ୍ୟତା ଅନୁସାରେ ନିଯୁକ୍ତି ଦେବାକୁ ଦାବି କରିଛନ୍ତି।

ପ୍ରକାଶ ଥାଉକି, ଦୀର୍ଘ ୫୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଏମ୍‌ସିଏଲ ଘଣ୍ଟପଡ଼ା ଗ୍ରାମ ପଞ୍ଚାୟତରୁ ୫୦୦ ଏକରରୁ ଉର୍ଦ୍ଧ୍ୱ ଜମି ଅଧିଗ୍ରହଣ କରି ସେଠାରେ ମେଡିକାଲ କଲେଜ, ମହାପ୍ରବନ୍ଧକଙ୍କ କାର୍ଯ୍ୟାଳୟ, ଓଡ଼ିଆ ଓ ଇଂରାଜୀ ଡିଏଭି ସ୍କୁଲ ଓ ପାଞ୍ଚଟି କଲୋନୀ ନିର୍ମାଣ କରିବା ସହିତ ଶିବ ମନ୍ଦିର ଓ ଅନ୍ୟାନ୍ୟ ଅନୁଷ୍ଠାନ ନିର୍ମାଣ କରିଛି। ପଞ୍ଚାୟତର ଚତୁଃପାର୍ଶ୍ୱରେ ବିଭିନ୍ନ କାରଖାନା, କୋଇଲା ଖଣି, କୋଇଲା ପରିବହନ ପାଇଁ ରେଳ ଲାଇନ ଗଢ଼ି ଉଠିଥିବାରୁ ସ୍ଥାନୀୟ ଲୋକେ ବିଭିନ୍ନ ପ୍ରକାର ଅସୁବିଧାର ସମ୍ମୁଖୀନ ହେବା ସହିତ ପ୍ରଦୂଷଣ ଜନିତ ରୋଗ ବ୍ୟାପିବାରେ ଲାଗିଛି, ଯାହାପ୍ରତି ଏମ୍‌ସିଏଲ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଉନାହାନ୍ତି। ଯେଉଁ ମହତ ଉଦ୍ଦେଶ୍ୟ ରଖି ଘଣ୍ଟପଡ଼ାବାସୀ ଜମି ଯୋଗାଇ ଦେଇଥିଲେ ତା'ର ସୁଫଳ ପାଇପାରିନାହାନ୍ତି। ତେଣୁ ଦାବିଗୁଡିକୁ ୭ ଦିନ ମଧ୍ୟରେ ସମାଧାନ କରିବା ପାଇଁ ଲିଖିତ ପ୍ରତିଶ୍ରୁତି ଦିଆନଗଲେ ପଞ୍ଚାୟତବାସୀ ରେଳରୋକ ସହିତ ସିଜିଏମ କାର୍ଯ୍ୟାଳୟକୁ ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ କରିବା ପାଇଁ ବାଧ୍ୟହେବେ ବୋଲି ଉକ୍ତ ଦାବିପତ୍ରରେ ସୂଚାଇ ଦେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ସରପଞ୍ଚ ସସ୍ମିତା ବିଶ୍ୱାଳ, ସମିତି ସଭ୍ୟ କରୁଣାକର ସାହୁ, ପୂର୍ବତନ ସରପଞ୍ଚ ସୁନିଲ ବିଶ୍ୱାଳ, ନାଏବ ସରପଞ୍ଚ ରାଜୀବ ଦାସ, ୱାର୍ଡ଼ ମେମ୍ବର ସତ୍ୟଜିତ ବେହେରା, ସୈରେନ୍ଦ୍ରି ସାହୁ, ଅଭୟ ସାହୁ, ଅମୀୟ ରତ୍ନ ସାହୁ, ଶିବାନନ୍ଦ ଥମ୍ୱ, ବିକାଶ ସାହୁ, ଜିନେସ ସାହୁ, ପୂର୍ବତନ ଜିଲା ପରିଷଦ ସଭ୍ୟ ମଞ୍ଜୁ ବେହେରା, ଉର୍ମିଳା ଦେହୁରି, ସରସ୍ୱତୀ ସାହୁ, ବିକ୍ରମ ପ୍ରଧାନ, ସୁନିଲ ପଟ୍ଟନାୟକ, ବିଶ୍ୱରଞ୍ଜନ ପ୍ରଧାନ ଓ ନାଳିଆ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହାର ନକଲ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି, ଅନୁଗୋଳ ଜିଲାପାଳ, ଜିଲା ଆରକ୍ଷୀ ଅଧିକ୍ଷକ, ଏମସିଏଲ ସିଏମ୍‌ଡି ପ୍ରମୁଖଙ୍କୁ ପ୍ରଦାନ କରାଯାଇଛି।

# ମା'ଙ୍କୁ ଦର୍ଶନ କଲେ ସହସ୍ରାଧିକ ଶ୍ରଦ୍ଧାଳୁ

କଣିହାଁ,୨୨।୮ (ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ ସାନ୍ତ୍ରିବିଡା ଗ୍ରାମରେ ପୂଜା ପାଉଥିବା ମା' ରାମଚଣ୍ଡୀଙ୍କ ବାର୍ଷିକ ପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମା'ଙ୍କ ଏହି ବିଶେଷ ପୂଜା ଦେଖିବାକୁ ଆଖପାଖ ଅଞ୍ଚଳରୁ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ଆଗମନ ହୋଇଥିଲା। ଅନେକ ମାନସିକଧାରୀ ଶିଶୁଙ୍କ ମୁଣ୍ଡନ କରାଇଥିବା ବେଳେ ମହିଳା ଭକ୍ତମାନେ ମନସ୍କାମନା ପୂରଣ ପାଇଁ ଅଧିଆ ପଡିଥିଲେ। ରୀତିନୀତି ଅନୁଯାୟୀ ପୂଜକ ମା'ଙ୍କ ପୂଜାର୍ଚ୍ଚନା କରିବା ପରେ ଅଧିଆ ପଡ଼ିଥିବା ଶ୍ରଦ୍ଧାଳୁମାନଙ୍କୁ ଆଲମ ଦ୍ୱାରା ଆଶୀର୍ବାଦ ଓ ପ୍ରସାଦ ବଣ୍ଟନ କରିଥିଲେ। ଗ୍ରାମବାସୀଙ୍କ ତରଫରୁ ଅନ୍ନପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ଗ୍ରାମ ସଭାପତି ପିଙ୍କୁଲୁ ସାହୁ, ସମ୍ପାଦକ ଚଗଲା ପ୍ରଧାନ, କମିଟି ସଦସ୍ୟ ପର୍ଶୁରାମ ପ୍ରଧାନ, ପରମାନନ୍ଦ ସାହୁ, ଧୋବା ପ୍ରଧାନ, ମିଟୁ ପ୍ରଧାନ, ଅମୂଲ୍ୟ ସାହୁ, ପ୍ରାକ୍ତନ ସରପଞ୍ଚ ଉକାଲୁ ସାହୁ, ବାବୁଲି ସେଠୀ, ଟିକନ ପ୍ରଧାନ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ବିଜେଡି କାର୍ଯ୍ୟକର୍ତ୍ତା ନିର୍ମଳ ସାହୁ, ସୁନୀଲ ପ୍ରଧାନ, ଭାଜପା ଯୁବ ନେତା ବିରଞ୍ଚି ସାହୁ, କଂଗ୍ରେସ ନେତା ପ୍ରଫୁଲ୍ଲ ଦାସଙ୍କ ସହିତ ଅନେକ ସରପଞ୍ଚ, ସମିତି ସଭ୍ୟ ଓ ମାନ୍ୟଗଣ୍ୟ ବ୍ୟକ୍ତି ମା'ଙ୍କ ଦର୍ଶନ କରିଥିଲେ।

# ୧ନଂ. ୱାର୍ଡ ସୂର୍ଯ୍ୟନଗର ଅଞ୍ଚଳବାସୀଙ୍କ ଅସନ୍ତୋଷ



୧ନଂ ୱାର୍ଡ ସୂର୍ଯ୍ୟନଗର ଅଞ୍ଚଳବାସୀ ପ୍ରତିବାଦ କରୁଛନ୍ତି।

ଢେଙ୍କାନାଳ,୨୨।୮(ରତନ ନାୟାର)

### ଦୃଷ୍ଟି ଆକର୍ଷଣ ପରେ ବି ସର୍ଭିସ୍ ରୋଡ ଓ ଡ୍ରେନ୍ କାର୍ଯ୍ୟ ସରୁନି

ଢେଙ୍କାନାଳ ସହର କଲେଜ ବାଇପାସ ନିକଟସ୍ଥ ପୌରାଞ୍ଚଳର ୧ନଂ ୱାର୍ଡ ସୂର୍ଯ୍ୟନଗର ଅଞ୍ଚଳରେ ୫୫ନଂ ଜାତୀୟ ରାଜପଥକୁ ଅଞ୍ଚଳ ମଧ୍ୟକୁ ଯାଇଥିବା ସଂଯୋଗୀକରଣ ସର୍ଭିସ ରୋଡ ଓ କଂକ୍ରିଟ୍ ଡ୍ରେନ୍ ନିର୍ମାଣ କାମ ସରୁ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହାକୁ ନେଇ ବୁଧବାର ଅଞ୍ଚଳବାସୀ ପ୍ରତିବାଦ କରିଥିଲେ। ଫଳରେ ସୂର୍ଯ୍ୟନଗର ଅଞ୍ଚଳକୁ ଲାଗିଥିବା ପାହାଡ଼ରୁ ବର୍ଷାଜଳ ଅଞ୍ଚଳ ମଧ୍ୟରେ ପ୍ରବେଶ କରୁଥିବାରୁ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କଂକ୍ରିଟ୍ ଡ୍ରେନ୍ ଓ ସର୍ଭିସ ରୋଡ ନିର୍ମାଣ କାମ ସରୁନଥିବାରୁ ବହୁ ଦୁର୍ଘଟଣା ମଧ୍ୟ ଘଟିଲାଣି। ନିର୍ମିତ ହୋଇଥିବା ସର୍ଭିସ ରୋଡଠାରେ ଡ୍ରେନ୍ ଏକଫୁଟ ଉଚ୍ଚରେ ତିଆରି ହୋଇଥିବାରୁ ଉକ୍ତ ରାସ୍ତାରେ ଯିବାଆସିବା କରୁଥିବା ଗାଡ଼ିଗୁଡିକ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏହାକୁ ନେଇ ଅଞ୍ଚଳବାସୀ ନିଜର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏ ସଂକ୍ରାନ୍ତରେ ବାରମ୍ବାର ଦୃଷ୍ଟି ଆକର୍ଷଣ କରିବା ପରେ ମଧ୍ୟ ଜାତୀୟ ରାଜପଥ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଉନାହାନ୍ତି। ଅନ୍ୟପକ୍ଷରେ ୭ବର୍ଷରୁ ଉର୍ଦ୍ଧ୍ୱ ହେବ ଉକ୍ତ ଅଞ୍ଚଳ ଦେଇ ଯାଇଥିବା ୫୫ନଂ ଜାତୀୟ ରାଜପଥର ସଂପ୍ରସାରଣ କାର୍ଯ୍ୟ ସରୁନଥିବାରୁ ଅଞ୍ଚଳବାସୀ ଘରୁ ବାହାରି ମୁଖ୍ୟ ରାସ୍ତାକୁ ଆସିବାରେ ବ୍ୟାପକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସଂକ୍ରାନ୍ତରେ ତୁରନ୍ତ ପଦକ୍ଷେପ ଗ୍ରହଣ କରାନଗଲେ ଅଞ୍ଚଳବାସୀ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି ।।

# ଏକାଦଶ କୃଷି ଗଣନା ସମ୍ପର୍କିତ ସମନ୍ୱୟ କମିଟି ବୈଠକ




ସମନ୍ୱୟ କମିଟି ବୈଠକରେ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ଢେଙ୍କାନାଳ,୨୨।୮(ରତନ ନାୟାର)

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଗୁରୁବାର ଏକାଦଶ କୃଷି ଗଣନା ସମ୍ପର୍କିତ ଜିଲାସ୍ତରୀୟ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଏହି ବୈଠକରେ ଜିଲା ଯୋଜନା ଓ ପର୍ଯ୍ୟାଲୋଚନା ଅଧିକାରୀ ବ୍ୟୋମକେଶ ପାତ୍ର, ଏକାଦଶ କୃଷି ଗଣନାର ଉଦ୍ଦେଶ୍ୟ, ଆଭିମୁଖ୍ୟ ଓ କାର୍ଯ୍ୟକାରିତା ସହ ଫଳାଫଳର ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଜିଲା ମୁଖ୍ୟ କୃଷି ଅଧିକାରୀ ସୁବ୍ରତ କୁମାର ପାଢୀଙ୍କ ସମେତ ଉଦ୍ୟାନ କୃଷି, ପ୍ରାଣୀ ବିଭାଗ, ସମବାୟ ବିଭାଗ ଓ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗର ଅଧିକାରୀମାନେ ଯୋଗଦେଇ ସେମାନଙ୍କର ମତାମତ ଉପସ୍ଥାପନ କରିଥିଲେ। ପରିସଂଖ୍ୟାନ କାର୍ଯ୍ୟାଳୟର ପରିସଂଖ୍ୟାନ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ସାହୁ, ଅନୁପ କୁମାର ପଣ୍ଡା, ସହକାରୀ ପରିସଂଖ୍ୟାନ ଅଧିକାରୀ ପ୍ରଫୁଲ କୁମାର ବଟ ଓ ତଦନ୍ତକାରୀ ସୁଶ୍ରୀ ସୁକନ୍ୟା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଅନୁକୂଳ ଚନ୍ଦ୍ରଙ୍କ ଭାଦ୍ରବ ସତ୍‌ସଙ୍ଗ ପରିକ୍ରମା

ଆଠମଲ୍ଲିକ,୨୨।୮ (ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ସହର ସତ୍‌ସଙ୍ଗ ବିହାର ଆନୁକୂଲ୍ୟରେ ଅନୁକୂଳ ଚନ୍ଦ୍ରଙ୍କ ଭାଦ୍ରବ ସତ୍‌ସଙ୍ଗ ପରିକ୍ରମା ଆରମ୍ଭ ହୋଇଛି। ଆଠମଲ୍ଲିକ ସତ୍‌ସଙ୍ଗ ବିହାର ପରିସରରେ ବିଶେଷ ସତ୍‌ସଙ୍ଗର ଆୟୋଜନ କରାଯାଇଥିଲା। ଏହି ସତ୍‌ସଙ୍ଗକୁ କୁମୁଦଚନ୍ଦ୍ର ପ୍ରଧାନ ପରିଚାଳନା କରିଥିଲେ। ଅର୍ଜୁନ କୁମାର ରାଉଳ, ଦିଲୀପ କୁମାର ପାତ୍ର, କେଶବ ଚନ୍ଦ୍ର ସାହୁ, ସୁମନ୍ତ କୁମାର ପ୍ରଧାନ, ପ୍ରଶାନ୍ତ କୁମାର ହୋତା, ଅରୁଣ କୁମାର କ୍ଷେତୀ, ପ୍ରଦୀପ କୁମାର ସାହୁ, ଗିରିଶ ଚନ୍ଦ୍ର ଭୁକ୍ତା, ବିନାୟକ ନାୟକ ସହଯୋଗ କରିଥିଲେ। ଆଠମଲ୍ଲିକ, ଧଳପୁର, ବିନିକେୟୀ ଅଞ୍ଚଳର ଶତାଧିକ ଭକ୍ତ ମଣ୍ଡଳୀ ଏଥିରେ ଯୋଗଦେଇ ପ୍ରସାଦ ସେବନ କରିଥିଲେ। ଏହି କାର୍ଯ୍ୟକ୍ରମ ଏକ ମାସ ଧରି ଅନୁଷ୍ଠିତ ହେବ।

# ଜ୍ଞାନବିଜ୍ଞାନ ମେଳାରେ ୯୪ ପ୍ରକଳ୍ପ




ତାଳଚେର, ୨୨।୮ (ମନୋଜ ନନ୍ଦ)

ତାଳଚେର ବ୍ଲକ କଳମଛୁଇଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ସଭାରେ ବରିଷ୍ଠ ଆଚାର୍ଯ୍ୟ ଅନୀଲ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିଥି ଭାବେ ବିଦ୍ୟାଳୟ କୋଷାଧକ୍ଷ ପଞ୍ଚାନନ ବେହେରା ଓ ମୁଖ୍ୟ ବକ୍ତା ଭବେ ଆଚାର୍ଯ୍ୟ ଚତୁର୍ଭୁଜ ସାହୁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଦୁର୍ଯ୍ୟୋଧନ ସାହୁ ଅଧକ୍ଷତା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଅନୀଲ କୁମାର ଦେହୁରୀ ବିଜ୍ଞାନ ମେଳାର ତାତ୍ପର୍ଯ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ଅବଗତ କରାଇଥିଲେ। ଏହି ଜ୍ଞାନବିଜ୍ଞାନ ମେଳାରେ ୯୪ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମକୁ ଆଚାର୍ଯ୍ୟା ପ୍ରିୟଙ୍କା ବେହେରା ପରିଚାଳନା କରିଥିବା ବେଳେ ଆଚାର୍ଯ୍ୟ କମଳ ଲୋଚନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଆଚାର୍ଯ୍ୟ ପ୍ରକାଶ ଚନ୍ଦ୍ର ପ୍ରଧାନ, ସ୍ନେହଲତା ସ୍ୱାଇଁ, ସୁକନ୍ୟା ମାଝି, କୁମୁଦ ବେହେରା, ତ୍ରିଲୋଚନ ବେହେରା, ଦୁର୍ଯ୍ୟୋଧନ ନାୟକ, ମଳୟ କୁମାର ଦାସଙ୍କ ସମେତ ସମସ୍ତ ଗୁରୁମା' ଗୁରୁଜୀ ସହଯୋଗ କରିଥିଲେ।

### ଶ୍ରଦ୍ଧାଳୁଙ୍କ ଠାରୁ ମୋବାଇଲ ଚୋରି

ଛେଣ୍ଡିପଦା,୨୨।୮(ଅଜିତ ଧଳ)

ଛେଣ୍ଡିପଦା ଥାନା କୋଶଳାସ୍ଥିତ ମା' ରାମଚଣ୍ଡୀଙ୍କ ଯାତ୍ରାରୁ ଶ୍ରଦ୍ଧାଳୁଙ୍କ ମୋବାଇଲ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ କହିଛି, ରାମଚଣ୍ଡୀଙ୍କ ଯାତ୍ରା ଦେଖିବା ପାଇଁ ଦୂରଦୂରାନ୍ତରୁ ଲକ୍ଷାଧିକ ଭକ୍ତଙ୍କ ସୁଅ ଛୁଟୁଥିବା ବେଳେ କଣିହାଁ ଥାନା ଡେରେଙ୍ଗ ଗ୍ରାମର ଅମିତ ସାହୁ ମଧ୍ୟ କୋଶଳା ଆସିଥିଲେ। ମନ୍ଦିରରେ ମା'ଙ୍କ ଦର୍ଶନ କରୁଥିବା ବେଳେ ତାଙ୍କ ପ୍ୟାଣ୍ଟ ପକେଟରୁ କେହି ଦୁର୍ବୃତ୍ତ ମୋବାଇଲ ନେଇ ପଳାଇ ଯାଇଥିଲେ। ଅମିତ ବହୁ ଖୋଜାଖୋଜି କରି ମୋବାଇଲ ନ ପାଇବାରୁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ନଂ. ୩୪୫/୨୪ରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଛି।

# ଜଙ୍ଗଲୀ ବାବୁଙ୍କ ବିଳାସମୟ ଜୀବନ

ଭୁବନେଶ୍ୱର,୨୨।୮(ସତ୍ୟଜିତ୍ ରାଉତ)

ଢେଙ୍କାନାଳ ସଦର ରେଞ୍ଜର ବିଭୁଦାନନ୍ଦ ମିଶ୍ର। ବିଳାସମୟ ଜୀବନଯାପନ କରୁଥିଲେ। ଜଣେ ବନ ସଂରକ୍ଷକ ଅଧିକାରୀ ହୋଇଥିବାବେଳେ ବିରଳ ପଶୁପକ୍ଷୀ ଓ ମୂଲ୍ୟବାନ ବୃକ୍ଷର ସୁରକ୍ଷା ଦାୟିତ୍ୱ ତାଙ୍କର। ହେଲେ ବିଭୁଦାନନ୍ଦ ଜଙ୍ଗଲ ଆଇନକୁ ହାତ ମୁଠାରେ ଚାପି ରଖି କିପରି ସାମ୍ରାଜ୍ୟ ଗଢ଼ିଥିଲେ ତାହା ସମସ୍ତଙ୍କୁ ଚକିତ କରିଛି। ଭିଜିଲାନ୍ସ ଫାଶରେ ପଡ଼ିବା ପରେ ତାଙ୍କର ସବୁ ଗୁମର ପଦାକୁ ଆସିଛି।

**ଭିଜିଲାନ୍ସ ଡରରେ ଟଏଲେଟ୍ ଫ୍ଲସରେ ଲୁଚାଇଦେଲେ ଟଙ୍କା**

ଗୁରୁବାର ଭୋର ୪ଟା ବେଳେ ଭିଜିଲାନ୍ସ ଟିମ୍ ଅତର୍କିତ ଚଢ଼ାଉ କରିବା ଦେଖି ଢେଙ୍କନାଳସ୍ଥିତ ଘରେ ଥିବା ବିଭୁଦାନନ୍ଦ ଡରି ଯାଇଥିଲେ। ଘରେ ଥିବା ମୋଟା ବିଡ଼ାବିଡ଼ା ଟଙ୍କାକୁ ସେ କେଉଁଠି ଏକ ନିରାପଦ ଗୁପ୍ତ ସ୍ଥାନରେ ଲୁଚାଇ ଦେବାକୁ ଲାଗି ପଡ଼ିଥିଲେ। ଦୁଇ ବିଡ଼ା ୫୦୦ଟଙ୍କିଆ ନୋଟକୁ ସେ କୌଶଳ କ୍ରମେ ଟଏଲେଟ୍ ରୁମ୍‌କୁ ନେଇଯାଇଥିଲେ। ଟଏଲେଟ୍ ଫ୍ଲସ୍ ଟାଙ୍କି ଭିତରେ ଉକ୍ତ ଟଙ୍କା ବିଡ଼ାକୁ ପୂରାଇ ଦେଇଥିଲେ। ଏତିକିବେଳେ ଭିଜିଲାନ୍ସ ଅଧିକାରୀଙ୍କ ନଜର ପଡ଼ି ଯାଇଥିଲା। ଅଧିକାରୀମାନେ ବିଭୁଦାନନ୍ଦଙ୍କୁ ନେଇ ଟଏଲେଟ୍ ରୁମ୍‌କୁ ଯାଇ ଟାଙ୍କିରୁ ଟଙ୍କା କାଢ଼ିବାକୁ କହିଥିଲେ। ଏପରିକି କାହିଁକି ଏହି ଟଙ୍କା ପକାଇଦେଲେ ବୋଲି ବିଭୁଦାନନ୍ଦଙ୍କୁ ପ୍ରଶ୍ନ ପଚରାଯାଇଥିବାବେଳେ ସେ ଚୁପ୍ ରହିଥିଲେ। ପରେ ଲୁଚାଇଥିବା ନୋଟ୍ ବିଡ଼ାକୁ ଅକଳରେ ପଡ଼ି ବିଭୁଦାନନ୍ଦ ଫ୍ଲସ୍ ଟାଙ୍କିରୁ କାଢିଥିଲେ।

**ବନ ସଂରକ୍ଷଣ ଆଇନକୁ ହାତମୁଠାରେ ରଖିଥିଲେ**

ବିଭୁଦାନନ୍ଦ ଜଣେ ବନାଞ୍ଚଳ ଅଧିକାରୀ ହୋଇ ମଧ୍ୟ ବନ ସଂରକ୍ଷଣ ଆଇନକୁ ହାତ ମୁଠାରେ ରଖିଥିଲେ। ଫାର୍ମରେ ଲାଗିଥିବା ବିଭିନ୍ନ ମୂଲ୍ୟବାନ ଗଛ ଆଦିକୁ ବେଆଇନ ଭାବେ ଲଗାଇଥିଲେ। ଏପରିକି ଫାର୍ମ ହାଉସ ଭିତରେ ଏକ ମିନି ଚିଡ଼ିଆଖାନା କରିଥିଲେ।

**ବିଳାସମୟ ଫାର୍ମହାଉସ ଭିତରେ ଆକର୍ଷଣୀୟ ପାର୍କ**

ଜଙ୍ଗଲୀ ବାବୁ ବିଭୁଦାନନ୍ଦ ଅବସର ବିନୋଦନ ପାଇଁ ଫାର୍ମ ହାଉସରେ ଆକର୍ଷଣୀୟ ପାର୍କ ନିର୍ମାଣ କରିଥିଲେ। ଉକ୍ତ ପାର୍କର ମଝିରେ ମଝିରେ ରହିଛି ଭିୟୁ ପଏଣ୍ଟ। ଏଥିସହ ଥକ୍କାପଣ ମେଣ୍ଟାଇବାକୁ ଆକର୍ଷଣୀୟ ଦୋଳି, ପିଲାଙ୍କ ଖେଳିବା ପାଇଁ ବହୁ ଅତ୍ୟାଧୁନିକ ଉପକରଣ, ପ୍ରାତଃଭ୍ରମଣ ପାଇଁ ଚିକ୍କଣ ରାସ୍ତା, ବିଭିନ୍ନ ସ୍ଥାନରେ ମାର୍ବଲ ମୂର୍ତ୍ତି ଆଦି ରହିଛି। ତେବେ ବିଭୁଦାନନ୍ଦ ଏହି ଫାର୍ମ ହାଉସକୁ ଲଗାଇ ଜମି କିଣି ଏଠାରେ ଏକ ଫିଲ୍ମ ସିଟିର ପରିକଳ୍ପନା କରିଥିଲେ ବୋଲି କୁହାଯାଉଛି।

**ଶାଗୁଆନ କାଠରେ ସଜାଇଥିଲେ ଘର**

ଢେଙ୍କାନାଳ ଟାଉନ ରତ୍ନବଜାରସ୍ଥିତ ୪ ହଜାର ୬୦୫ ବର୍ଗଫୁଟରେ ବିଭୁଦାନନ୍ଦ ଦୁଇ ମହଲା ବିଶିଷ୍ଟ ରାଜପ୍ରାସାଦ ଭଳି କୋଠା ନିର୍ମାଣ କରିଛନ୍ତି। ଏହି କୋଠା ଓ ଏହାର ସାଜସଜ୍ଜା କାମକୁ ଦେଖି ସ୍ଥାନୀୟ ଲୋକମାନେ ମୂଳରୁ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଜଣେ ବନାଞ୍ଚଳ ଅଧିକାରୀ ହୋଇଥିବାରୁ ଲୋକମାନେ ପାଟି ଫିଟାଉ ନ ଥିଲେ। ଏହି ଘରେ ନାମଫଳକଠୁ ଆରମ୍ଭ କରି ସବୁ ସାଜସଜ୍ଜା କାମକୁ ବିଭୁଦାନନ୍ଦ ଶାଗୁଆନ କାଠରେ ସଜାଇଥିଲେ। ବେଆଇନ ଭାବେ ଏହି କାଠକୁ ଜଙ୍ଗଲରୁ ସେ ଆଣିଥିଲେ ଚର୍ଚ୍ଚା ହେଉଛି।

**ଘରୁ ଠାବ ହେଲା ବିପୁଳ ଅଳଙ୍କାର, ସୌଖୀନ ହାତ ଘଣ୍ଟା**

ବିଭୁଦାନନ୍ଦ ହାତଘଣ୍ଟା ପିନ୍ଧିବା ପାଇଁ ବେଶ୍ ସଉକ ରଖିଥିଲେ। ସେଥିପାଇଁ ବିଭିନ୍ନ ନାମୀଦାମୀ ବ୍ରାଣ୍ଡର ସେ ହାତଘଣ୍ଟା କିଣି ରଖିଥିଲେ। ଏଥିସହ ସ୍ତ୍ରୀଙ୍କ ପାଇଁ କରିଥିଲେ ଦୁଇଟି ବହୁମୂଲ୍ୟ ହୀରା ହାର। କେବଳ ଏତିକି ନୁହେଁ ବିଭିନ୍ନ ଆକର୍ଷଣୀୟ ସୁନା ଓ ରୁପା ଅଳଙ୍କାର ତାଙ୍କ ଘରୁ ଠାବ ହୋଇଛି, ଯାହା ସାଧାରଣରେ ବେଶ୍ ଚର୍ଚ୍ଚା ସୃଷ୍ଟି ହୋଇଛି।



ଭିଜିଲାନ୍ସ ଜାଲରେ ପଡ଼ିଥିବା ଢେଙ୍କାନାଳ ସଦର ରେଞ୍ଜର ବିଭୁଦାନନ୍ଦ ମିଶ୍ରଙ୍କ ରତନ ବଜାରଠାରେ ଥିବା ଘର।



ରେଞ୍ଜରଙ୍କ ବାସଭବନରେ ଭିଜିଲାନ୍ସ ଅଧିକାରୀ ଯାଞ୍ଚ କରୁଛନ୍ତି।



ସହରସ୍ଥିତ କାଲଟାକ୍ସ ରତନବଜାର ଠରେ ଥିବା ଘରୁ ଜବତ ସୁନା,ହୀରା ଅଳଙ୍କାର ସହ ଟଙ୍କା ଓ ଅନ୍ୟ ସାମଗ୍ରୀ।

## ମଦ ଜବତ, ଯୁବକ ଗିରଫ

ବଆଁରପାଳ,୨୨।୮ (ସୁବାସ ସାହୁ): ନାଲ୍‌କୋ ଥାନା ବଳରାମ ପ୍ରସାଦ କଇଁଫୁଲିଆ ସାହିର ଖ୍ରିତିଶ ବିଶ୍ୱାଳ (୩୨)ଙ୍କୁ ଚୋରା ମଦ ବ୍ୟବସାୟ ଅଭିଯୋଗରେ ପୋଲିସ ଗିରଫ କରିଛି। ଏଥିସହ ତାଙ୍କଠାରୁ ୧୭ଲିଟର ଦେଶୀ ଓ ବିଦେଶୀ ମଦ ଜବତ କରିଛି। ଏ ନେଇ ପୋଲିସ ମାମଲା ରୁଜୁ କରିଥିବା ଥାନା ଅଧିକାରୀ ପ୍ରଦୀପ ମହନ୍ତ ସୂଚନା ଦେଇଛନ୍ତି।

# ଚାଷୀଙ୍କ ସମସ୍ୟା ସମାଧାନ ଉପରେ ଗୁରୁତ୍ୱ

### ଜିଲା କୃଷକ କ୍ଲବ ମହାସଂଘର ସମୀକ୍ଷା ବୈଠକ

ଅନୁଗୋଳ,୨୨।୮(ମାନସ ବିଶ୍ୱାଳ)



ଜିଲା କୃଷକ କ୍ଲବ ମହାସଂଘ ସମୀକ୍ଷା ବୈଠକରେ ମଞ୍ଚାସୀନ ଅତିଥିମାନେ।

ଅନୁଗୋଳ ଜିଲା କୃଷକ କ୍ଲବ ମହାସଂଘର ମାସିକ ସମୀକ୍ଷା ବୈଠକ ସ୍ଥାନୀୟ ସମବାୟ ବ୍ୟାଙ୍କ ସମ୍ମିଳନୀ କକ୍ଷରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମହାସଂଘ ଅଧ୍ୟକ୍ଷ ଅରକ୍ଷିତ ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। ବୈଠକରେ ଅନୁଗୋଳ କେନ୍ଦ୍ର ସଂଯୁକ୍ତ ସମବାୟ ବ୍ୟାଙ୍କ ସଭାପତି ସନ୍ତୋଷ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାଷୀମାନେ ସେମାନଙ୍କ ଆର୍ଥିକ ଉନ୍ନତି ସହିତ ଚାଷରେ ସଫଳ ହେବା ନିମନ୍ତେ ସମବାୟ ବ୍ୟାଙ୍କଠାରୁ ଋଣ ସୁବିଧା ନେବା ପାଇଁ ଉପସ୍ଥିତ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ। କୃଷକମାନେ ବହୁତ କଷ୍ଟ କରିବା ସତ୍ତ୍ୱେ ସେମାନେ ଉଚିତ ମୂଲ୍ୟ ପାଉନାହାନ୍ତି ବୋଲି ପ୍ରଧାନ କହିଥିଲେ। ନାବାର୍ଡ ଡିଡିଏମ୍ ଆଶୁତୋଷ ରାୟ ଓ ବରିଷ୍ଠ ଆଇନଜୀବୀ ଦ୍ୱାରିକା ପ୍ରସାଦ ନନ୍ଦ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଚାଷୀମାନଙ୍କ ସମସ୍ୟା ଓ ତାହାର ସମାଧାନ ଏବଂ ଚାଷୀମାନେ କିପରି ସଫଳ ହେବେ, ଭଲ ଫସଲ ଅମଳ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ବୈଠକରେ କୃଷକ ମହାସଂଘକୁ ବ୍ୟାପକ କରିବା ସହିତ ଆଗାମୀ ଦିନରେ କୃଷକମାନଙ୍କୁ ନେଇ ଏକ ଜିଲାସ୍ତରୀୟ ସମାବେଶ କରିବାପାଇଁ ସ୍ଥିର ହୋଇଥିଲା। ବୈଠକରେ ସନ୍ତୋଷ ଖଟୁଆ, ଗୋକୁଳ ଚନ୍ଦ୍ର ସାହୁ, ଜିତେନ୍ଦ୍ର ମାଝୀ, ବେଣୁଧର ସାହୁ, ପଦ୍ମଲୋଚନ ମହାପାତ୍ର, ଅଶୋକ ବେହେରା, ଅର୍ଜୁନ ସ୍ୱାଇଁ, ଦାମୋଦର ଦାସ, ଆଦିକନ୍ଦ ଦାସ, ଗୋବିନ୍ଦ ସାମନ୍ତ, କୃଷ୍ଣ ଚନ୍ଦ୍ର ମହାପାତ୍ର, ଭୂଷଣ ନାଏକ, ବିଜୟ ସାହୁ, ସସ୍ମିତା ନାଏକ, କେତକୀ ନାଏକ, ସଂଯୁକ୍ତା ନାଏକ, ଚିନ୍ମୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଅତିରିକ୍ତ ତହସିଲ କାର୍ଯ୍ୟାଳୟ ଖୋଲାଯାଉ

### ବିଧାନସଭାରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କଲେ ବିଧାୟକ

ପାଲଲହଡ଼ା,୨୨।୮ (ଦିବ୍ୟଜ୍ୟୋତି ଦାଶ)

ଅନୁଗୋଳ ଜିଲା ପାଲଲହଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଖମାର ଓ ପବିତ୍ରନଗର ଅଞ୍ଚଳରେ ନୂତନ ଅତିରିକ୍ତ ତହସିଲ କାର୍ଯ୍ୟାଳୟ ଖୋଲିବା ପାଇଁ ଗୁରୁବାର ବିଧାନସଭାରେ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିଛନ୍ତି ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି। ରାଜସ୍ୱର ସୁପରିଚାଳନା ତଥା ଦୂରଦୂରାନ୍ତର ଜନସାଧାରଣଙ୍କ ସୁବିଧା ପାଇଁ ପାଲଲହଡ଼ା ବ୍ଲକ ଖମାର ଓ କଣିହାଁ ବ୍ଲକ ପବିତ୍ରନଗରଠାରେ ଅତିରିକ୍ତ ତହସିଲ କାର୍ଯ୍ୟାଳୟ ଖୋଲିବା ସହିତ ଅତିରିକ୍ତ ତହସିଲଦାରଙ୍କୁ ନିଯୁକ୍ତି ଦେବା ପାଇଁ ବିଧାୟକ ଦାବି ଉପସ୍ଥାପନ କରିଥିଲେ। ଉପରୋକ୍ତ ୨ଟି ସ୍ଥାନରେ ଅତିରିକ୍ତ ତହସିଲ କାର୍ଯ୍ୟାଳୟ ଖୋଲାଗଲେ ପ୍ରଶାସନ ଲୋକଙ୍କ ନିକଟତର ହେବ ଏବଂ ପାଲଲହଡ଼ା ଓ କଣିହାଁସ୍ଥିତ ତହସିଲ କାର୍ଯ୍ୟାଳୟକୁ ଯାତାୟାତ ଖର୍ଚ୍ଚାନ୍ତରୁ ଲୋକେ ମୁକ୍ତି ପାଇବେ ବୋଲି ବିଧାୟକ ପ୍ରକାଶ କରିଥିଲେ। ସରକାର ତୁରନ୍ତ ଏହା ଉପରେ ବିଚାର କରିବାକୁ ବିଧାୟକ ମହାନ୍ତି ନିବେଦନ କରିଥିଲେ।

## ଜେଲ ଗଲେ ଏ’ କ୍ଲାସ ଠିକାଦାର

### ଚେକ୍ ବାଉନ୍ସ ମାମଲା

ଅନୁଗୋଳ,୨୨।୮(ମାନସ ବିଶ୍ୱାଳ)

ସହଯୋଗୀ ଠିକାଦାରଙ୍କୁ ଦେଇଥିବା ଚେକ୍ ବାଉନ୍ସ ହୋଇଯିବା ମାମଲାରେ ସୁପ୍ରିମକୋର୍ଟରୁ ନିରାଶ ହୋଇଥିବା ଅନୁଗୋଳ ଜିଲା କଣିହାଁ ଥାନା ଅଞ୍ଚଳର ଏ’ କ୍ଲାସ ଠିକାଦାର ପିରି କୁମାର ସିଂଙ୍କୁ କଣିହାଁ ପୋଲିସ ଗିରଫ କରିଛି। କୋର୍ଟଙ୍କ ନିର୍ଦ୍ଦେଶରେ ପୋଲିସ ଏହି ଗିରଫଦାରି କରିଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ପଠାଇ ଦିଆଯାଇଛି।

କଣିହାଁ ଥାନା ଅଧିକାରୀ ମନୋଜ ପ୍ରଧାନ କହିଛନ୍ତି, ଭୀମକାଣ୍ଡ ଗ୍ରାମର ଏ’ କ୍ଲାସ ଠିକାଦାର ପିରି ବନ୍ତଳା ଥାନା ପୁରୁଣାଗଡ଼ ଶାସନର ବି’ କ୍ଲାସ ଠିକାଦାର ସୁମନ କୁମାର ସିଂଙ୍କ ସହ ବିଭିନ୍ନ ସମୟରେ ମିଳିତ ଭାବେ ଠିକାଦାରି କରୁଥିଲେ। ୨୦୧୧ ମସିହାରେ ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାର ୧ କୋଟି ୮୪ ଲକ୍ଷ ଟଙ୍କାର ଏକ ଟେଣ୍ଡର ପିରିଙ୍କୁ ମିଳିଥିଲା। ଉକ୍ତ କାର୍ଯ୍ୟରେ ସହଭାଗିତା ବେଳେ ପିରି ୨୨ ଲକ୍ଷ ଟଙ୍କା ସୁମନଙ୍କ ଠାରୁ ଆଣିଥିଲେ। ଉକ୍ତ କାର୍ଯ୍ୟ ଶେଷ କରିବା ପରେ ପିରି ଗ୍ରାମ ଉନ୍ନୟନ ବିଭାଗରୁ ବିଲ୍ ବାବଦ ସମସ୍ତ ଟଙ୍କା ପାଇଥିଲେ। ଏହାପରେ ସେ ସହଯୋଗୀ ସୁମନଙ୍କ ଠାରୁ ଆଣିଥିବା ଟଙ୍କା ଫେରାଇବାକୁ ୨୨ ଲକ୍ଷ ଟଙ୍କାର ଏକ ଚେକ୍ ଦେଇଥିଲେ। ହେଲେ ତାଙ୍କ ଆକାଉଣ୍ଟରେ ଟଙ୍କା ନ ଥିବାରୁ ଉକ୍ତ ଚେକ ବାଉନ୍ସ ହୋଇଯାଇଥିଲା। ଏହାକୁ ନେଇ ସୁମନ ଅନୁଗୋଳ ଜେଏମ୍‌ଏଫ୍‌ସି କୋର୍ଟରେ ମାମଲା ରୁଜୁ କରିଥିଲେ। କୋର୍ଟ ଉକ୍ତ ମାମଲାର ବିଚାର କରି ୨୦୧୭ ମସିହା ଏପ୍ରିଲ ୨୨ରେ ସୁଧକୁ ମିଶାଇ ମୋଟ ୩୫ ଲକ୍ଷ ଟଙ୍କା ସୁମନଙ୍କୁ ଫେରସ୍ତ ପାଇଁ ଠିକାଦାର ପିରିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ରାଏକୁ ପିରି ପ୍ରଥମେ ଜିଲା କୋର୍ଟ ଓ ପରେ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ହେଲେ ସେଠାରୁ ନିରାଶ ହେବା ପରେ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଗତ ଏପ୍ରିଲ ୧୫ ତାରିଖରେ ଉକ୍ତ ମାମଲା ସୁପ୍ରିମକୋର୍ଟରେ ନାକଚ ହୋଇଯାଇଥିଲା। ଏଥିସହ ପିରିଙ୍କ ନାମରେ ୱାରେଣ୍ଟ ବାହାର କରିବା ପାଇଁ ଗତ ଏପ୍ରିଲ ୨୩ ତାରିଖରେ ଅନୁଗୋଳ ଜେଏମ୍‌ଏଫ୍‌ସି କୋର୍ଟକୁ ସୁପ୍ରିମକୋର୍ଟଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ନିର୍ଦ୍ଦେଶ ବଳରେ ପିରିଙ୍କୁ କଣିହାଁ ପୋଲିସ ଗିରଫ କରିଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

## ଚିକେନ ଦୋକାନୀଙ୍କୁ ଆକ୍ରମଣ, ୩ ଗିରଫ

ଅନୁଗୋଳ,୨୨।୮(ମାନସ ବିଶ୍ୱାଳ)

ଅନୁଗୋଳ ସହରସ୍ଥିତ ମାଛ ମାର୍କେଟରେ ଥିବା ଏକ ଚିକେନ ସେଣ୍ଟରରେ କାମ କରୁଥିବା କର୍ମଚାରୀଙ୍କୁ ଗୁରୁବାର ଅପରାହ୍ନରେ ୩ ଜଣ ଯୁବକ ଅକ୍ରମଣ କରିଥିବା ଅନୁଗୋଳ ଥାନାରେ ଅଭିଯୋଗ ହୋଇଥିଲା। ଏ ନେଇ ପୋଲିସ ନଂ.୬୬୬/୨୪ରେ ଏକ ମାମଲା ରୁଜୁ କରି ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ଧୀରେଶ କୁମାର ଦାସ ସୂଚନା ଦେଇଛନ୍ତି। ଘଟଣାରୁ ପ୍ରକାଶ, ମିରି ଆଇନୁଲଙ୍କ ଚିକେନ ସେଣ୍ଟରରେ ପୁରୁଷୋତ୍ତମ ନାୟକ କାମ କରୁଥିଲେ। ଗତ ୩ ତାରିଖରେ ହୁଲୁରିସିଙ୍ଗା ଘାସିସାହି ଅଞ୍ଚଳର ତପନ ମୁଖି (୨୭)ଙ୍କୁ ମିରି ଆଇନୁଲ ଅପମାନିତ କରି ଠେଲି ଦେଇଥିଲେ। ତପନ ଏହାର ପ୍ରତିଶୋଧ ନେବା ପାଇଁ ସହଯୋଗୀ ରାଜୁ ମୁଖି (୨୭) ଓ ବାବୁ ମୁଖି (୨୫)ଙ୍କ ସହ ଗୁରୁବାର ଉକ୍ତ ଚିକେନ ସେଣ୍ଟରେ ପହଞ୍ଚିଥିଲେ। ମିରି ନ ଥିବା ଦେଖି କର୍ମଚାରୀ ପୁରୁଷୋତ୍ତମଙ୍କୁ ସେମାନେ ଆକ୍ରମଣ କରିଥିଲେ। ଏଥିସହ ୨ ହଜାର ୫୦୦ ଟଙ୍କା ନେଇ ପଳାଇଥିଲେ। ଏନେଇ ପୁରୁଷୋତ୍ତମ ଅଭିଯୋଗ ଥାନାରେ କରିଥିଲେ। ପୋଲିସ ତପନ, ରାଜୁ ଓ ବାବୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।


ଗିରଫ ତିନି ଅଭିଯୁକ୍ତ।

## ପ୍ରତିଷ୍ଠା ଦିବସ ପାଇଁ ନେସ୍‌ର ପ୍ରସ୍ତୁତି



ପ୍ରସ୍ତୁତି ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ।

ବଆଁରପାଳ,୨୨।୮ (ସୁବାସ ସାହୁ)

ବଆଁରପାଳ ବ୍ଲକ ନାଲ୍‌କୋନଗରର ବୃହତ୍ ଶ୍ରମିକ ସଙ୍ଗଠନ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ସହବନ୍ଧିତ ନାଲ୍‌କୋ ଏମ୍ପ୍ଲୋଇଜ ସଂଘ (ନେସ୍)ର ୨୪ତମ ପ୍ରତିଷ୍ଠା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୯ ତାରିଖରେ ନେସ୍‌ର ୨୪ତମ ପ୍ରତିଷ୍ଠା ଦିବସ ପାଳନ କରାଯିବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ଏହି ପ୍ରତିଷ୍ଠା ଦିବସ ପାଳନ ଅବସରରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମ କରାଯିବା, ନାଲ୍‌କୋର ସୁରକ୍ଷା, କର୍ମଚାରୀଙ୍କ ସୁରକ୍ଷା ଉପରେ ଅଧିକରୁ ଅଧିକ ଗୁରୁତ୍ୱ ଦେବା ସମ୍ପର୍କରେ ସଂଘ ସଭାପତି ନିର୍ମଳ ସାମଲ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକାରୀ ସଭାପତି ବିଜନ ଦଳ ବେହେରା, ଉପସଭାପତି ମନୋଜ ପ୍ରସାଦ, ସୁରେଶ ସାହୁ, ଅଶୋକ ସାହୁ, ମନୋଜ ସ୍ୱାଇଁ, ଅଶ୍ୱିନୀ ସାମଲ, ବିକାଶ ପାଲ, ଅଜିତ ଗୁଡ୍ଡୁ, ଉପେନ୍ଦ୍ର ବେହେରା, ଟିକନ ସାହୁ, ସାଧାରଣ ସମ୍ପାଦକ ରଞ୍ଜିତ ସାହୁ, ସାଙ୍ଗଠନିକ ସମ୍ପାଦକ ପ୍ରକାଶ ବେହେରା, ତ୍ରିନାଥ ରାଉତରାଏ, ବିଭୁତି ମହାପାତ୍ର, ବିକ୍ରମାଦିତ୍ୟ ବେହେରା, ଶୁଭେନ୍ଦୁ ବିଶ୍ୱାଳ, ଦୀପକ ବେହେରା, ପ୍ରଶାନ୍ତ ବିଶ୍ୱାଳ, ଅଟଳ ଷଡ଼ଙ୍ଗୀ, ମାନସ ସାହୁ, ପାବକ ଗଡ଼ନାୟକ, ଭରତ ଜେନା, ସୁଧାଂଶୁ ମିଶ୍ର, ସୁଦାମ ବେହେରା, ଯଦୁନାଥ ପ୍ରଧାନ ଉପସ୍ଥିତ ଥିଲେ। ଯତୀନ ମିଶ୍ର ଧନ୍ୟବାଦ ଦେଇଥିଲେ।

## ପଞ୍ଚାୟତ ପରିଦର୍ଶନ କଲେ ଏମ୍‌ପି

ଅନୁଗୋଳ,୨୨।୮ (ଜ୍ୟୋତିରଞ୍ଜନ ସାହୁ)

ଢେଙ୍କାନାଳ ଏମ୍‌ପି ରୁଦ୍ରନାରାୟଣ ପାଣି ଗୁରୁବାର ଅନୁଗୋଳ ଜିଲାର କାଙ୍ଗୁଲା-ବେନୁପୁର ପଞ୍ଚାୟତକୁ ଗସ୍ତ କରି ପଞ୍ଚାୟତ କାର୍ଯ୍ୟାଳୟରେ ଲୋକମାନଙ୍କ ଠାରୁ ସମସ୍ୟା ଶୁଣିଥିଲେ। ଏଥିସହ ଉକ୍ତ ସମସ୍ୟାଗୁଡ଼ିକର କିପରି ଶୀଘ୍ର ସମାଧାନ କରାଯିବ ସେ ନେଇ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ଅଞ୍ଚଳବାସୀ ଏମ୍‌ପିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେବା ସହ କାଙ୍ଗୁଲା- ବେନୁପୁର ପଞ୍ଚାୟତ ବୁଲେଇଥିଲେ। ଗ୍ରାମର ନରହରି ସେଠୀ, ଲଳିତ ପାଳ, ସୁରେଶ ବେହେରା, ପ୍ରଶ୍ନ ତ୍ରିପାଠୀ, ରବୀନ୍ଦ୍ର ବେହେରା, ଚନ୍ଦ୍ରଭାନୁ ରଥ, ହେମାକାନ୍ତି ରଥ, ସୁବ୍ରତ ପଣ୍ଡା, ଚିତ୍ତରଞ୍ଜନ ତ୍ରିପାଠୀ, ଦିବାକର ପରିଡ଼ା, ଗଣେଶ ବେହେରା, ବୃନ୍ଦାବନ ବେହେରା, ସଞ୍ଜୟ ପ୍ରଧାନ, ବିମଳ ମୁଦୁଲି, କୁନା ବେହେରା, ଉଦୟ କୁମାର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।



## ଆଇନସେବା ପ୍ରାଧିକରଣର ସଚେତନତା କାର୍ଯ୍ୟକ୍ରମ




ଅନୁଗୋଳ,୨୨।୮ (ଜ୍ୟୋତିରଞ୍ଜନ ସାହୁ)

ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ କଟକ ତଥା ଅନୁଗୋଳ ଜିଲା ଓ ଦୌରାଜଜ୍ ତଥା ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଦାମୋଦର ରଥଙ୍କ ନିର୍ଦ୍ଦେଶକ୍ରମେ ଜିଲା ଆଇନସେବା ପ୍ରାଧିକରଣ ତରଫରୁ ଅନୁଗୋଳ ରନ୍ତଲେଇ ପଞ୍ଚାୟତ କାର୍ଯ୍ୟାଳୟଠାରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଏବଂ ଅଧାରୁ ପାଠ ଛାଡୁଥିବା ପିଲାଙ୍କୁ ତାଲିକାଭୁକ୍ତ କରିବା ସମ୍ପର୍କରେ ଏହି କାର୍ଯ୍ୟକ୍ରମରେ ସଚେତନ କରାଯାଇଥିଲା। ଏହି ଶିବିରରେ ଜିଲା ଆଇନସେବା ପ୍ରାଧିକରଣ ସଚିବ କମଳାକାନ୍ତ ନାୟକ, ଜିଲା ଶ୍ରମ ଅଧିକାରୀ ଲିରିକା ରାୟ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ତ୍ରିଦିବେଶ ଦଳବେହେରା, ଜିଲା ଶୈକ୍ଷିକ ବିକାଶ ସଂଯୋଜକ ମନୋରଞ୍ଜନ ସାହୁ, ଜିଲା ସଂଯୋଜକ ବାଲ୍ୟ ବିବାହ ନିରାକରଣ ସନ୍ତୋଷ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଉପସ୍ଥିତ ଅତିଥିମାନେ ସରକାରଙ୍କ ବିଭିନ୍ନ ଯୋଜନା ଯଥା ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା, ଓଡ଼ିଶା ଅଣ ସଙ୍ଗଠିତ ଶ୍ରମିକଙ୍କ ସାମାଜିକ କଲ୍ୟାଣ ବୋର୍ଡ, ମଧୁବାବୁ ପେନସନ ଯୋଜନା, ପରିବାର ମଙ୍ଗଳ ଯୋଜନା, ବିବାହ ପ୍ରୋତ୍ସାହନ ରାଶି ଯୋଜନା, ସମ୍ମାନିତ ଶିଶୁ ବିକାଶ ଯୋଜନା, ପୋଷଣ, ମମତା, ମିଶନ ଶକ୍ତି, କିଶୋରୀ ସଶକ୍ତୀକରଣ, ପୀଡ଼ିତାକୁ କ୍ଷତିପୂରଣ ଆଦି ବିଷୟରେ ସଚେତନ କରିଥିଲେ। ପ୍ରାଥମିକ ଉଚ୍ଚ ବିଦ୍ୟାଳୟସ୍ତରରେ ଅଧାରୁ ପାଠ ଛାଡୁଥିବା ପିଲାଙ୍କୁ ପୁଣି ଥରେ ଫେରାଇ ଆଣିବା ପାଇଁ ଜିଲା ଶିକ୍ଷାବିଭାଗ ତରଫରୁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ଶିକ୍ଷକମାନଙ୍କ ଦ୍ୱାରା ଘରକୁ ଘର ବୁଲି ପିଲାମାନଙ୍କୁ ପାଠ ପଢିବା ନିମନ୍ତେ ବିଦ୍ୟାଳୟକୁ ଛାଡ଼ିବାକୁ ବୁଝାଯାଉଛି। ପ୍ରବେଶ ଉତ୍ସବ ଏବଂ ଶିକ୍ଷା ସଚେତନତା ରଥ ମାଧ୍ୟମରେ ଅଭିଭାବକ, ସାଧାରଣ ଜନତା, ବିଦ୍ୟାଳୟ କମିଟି ସଭ୍ୟାସଭ୍ୟମାନଙ୍କୁ ସଚେତନ କରିବା ସହ ପିଲାମାନଙ୍କୁ ପାଠ ପଢ଼ିବା ପାଇଁ ବିଦ୍ୟାଳୟକୁ ଫେରାଇ ଆଣିବା ପାଇଁ ଉତ୍ସାହିତ କରାଯାଉଛି। ଏହି କାର୍ଯ୍ୟକ୍ରମରେ ରନ୍ତଲେଇ ପଞ୍ଚାୟତବାସୀ ଉପସ୍ଥିତ ଥିଲେ। ରନ୍ତଲେଇ ସରପଞ୍ଚ ମିନାକ୍ଷୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ଲକ ପ୍ରଶାସନ ପକ୍ଷରୁ ପରିବେଶ ଦିବସ

ମାଧପୁର,୨୨।୮ (ମନୋଜ ପ୍ରଧାନ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ପ୍ରଶାସନ ପକ୍ଷରୁ ଗୁରୁବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏ ନେଇ ବାସୁଦେବପୁର ପଞ୍ଚାୟତର ଗୌତମପୁର ଗ୍ରାମରେ ଏକ ଚାରା ରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ବିଡିଓ ତେଜସ୍ୱିନୀ ବେହେରା ଓ ବ୍ଲକ କର୍ମକର୍ତ୍ତାଙ୍କ ସହିତ ସ୍ଥାନୀୟ ଲୋକେ ଉପସ୍ଥିତ ରହି ପ୍ରାୟ ୫୦୦ ଚାରା ରୋପଣ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ନିର୍ବାହୀ ଯନ୍ତ୍ରୀ ରାମଚନ୍ଦ୍ର ଶତପଥୀ, କନିଷ୍ଠ ଯନ୍ତ୍ରୀ ରାଜକିଶୋର ନାଏକ, ଏପିଓ ଅନିତା ଗିରି, ପଞ୍ଚାୟତ ନିର୍ବାହୀ ଅଧିକାରୀ ହୃଦାନନ୍ଦ ମାଝି, ଜିଆର୍‌ଏସ୍ ସରୋଜ ମାହାର, ଗୌତମପୁର ଗ୍ରାମବାସୀ ପ୍ରମୁଖ ଯୋଗଦାନ କରି ଚାରା ରୋପଣ କରିଥିଲେ। ସ୍ଥାନୀୟ ଯୁବକ ପଞ୍ଚାନନ ଦନ୍ତା, ଦୀପକ ମାହାର, ଝରିଆ ପ୍ରଧାନ, ଅଭିରାମ ମେହେର, ସନ୍ତୋଷ ମେହେର ପ୍ରମୁଖ ସହଯୋଗ କରିଥଲେ।



ଚାରା ରୋପଣ କାର୍ଯ୍ୟକ୍ରମ ଅବସରରେ ପ୍ରଶାସନିକ ଅଧିକାରୀଙ୍କ ସହ ଅନ୍ୟମାନେ।

## ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ, ଆଲୋଚନା

ବଆଁରପାଳ,୨୨।୮ (ସୁବାସ ସାହୁ)

ନାଲ୍‌କୋ ଅଫିସର ସଂଘ ପକ୍ଷରୁ ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କାରାଯାଇଛି। ଏହି ଅବସରରେ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଫୁଲତୋଡ଼ା ଓ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ସଂଘ କର୍ମକର୍ତ୍ତାମାନେ ନାଲ୍‌କୋର ଅନୁଗୋଳସ୍ଥିତ ସିପିପି, ସ୍ମେଲ୍ଟର ପ୍ଲାଣ୍ଟ ଓ ଦାମନଯୋଡି ପ୍ଲାଣ୍ଟ ଅଧୀନରେ ଥିବା ଖଣିର ଉତ୍ପାଦନ କ୍ଷମତା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ସଂଘର କର୍ପୋରେଟର ସଭାପତି ଅରୁଣ କୁମାର ସାହୁଙ୍କ ଲିଖିତ କବିତା ‘ମହୁଲ ଫୁଲର ବାସ’ ଓ ‘ତଟସ୍ଥ ଶୈଶବ’ ବହି ଉନ୍ମୋଚନ କରି ଉପହାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଫିସର ସଂଘ କର୍ପୋରେଟ ସଭାପତି ଅରୁଣ କୁମାର ସାହୁ, ସମ୍ପାଦକ ଜ୍ୟୋତି ପ୍ରକାଶ ରଥ, ଅନୁଗୋଳ ନାଲ୍‌କୋର ବନମାଳୀ ସେଠୀ, ସମ୍ପାଦକ ନଳିନୀକାନ୍ତ ପଣ୍ଡା, ଉପସଭାପତି କିଶୋର କୁମାର ବେହେରା, ସଂଘ କାର୍ଯ୍ୟକର୍ତ୍ତା ସୁରେନ୍ଦ୍ର କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।


ସଂଘ କର୍ମକର୍ତ୍ତାମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଆଲୋଚନା କରୁଛନ୍ତି।

## ସାହିତ୍ୟରେ ଭରି ରହିଛି ବର୍ଷା

### ‘ବର୍ଷାଗୀତି’ ଓ ‘ସାହିତ୍ୟରେ ବର୍ଷା’ ଶୀର୍ଷକ ଆଲୋଚନାଚକ୍ର

ଅନୁଗୋଳ,୨୨।୮(ମାନସ ବିଶ୍ୱାଳ)


କବିତା ଆସରରେ ମଞ୍ଚରେ ଉପସ୍ଥିତ ଅତିଥିମାନେ।

ଅନୁଗୋଳ ସହର ଗାନ୍ଧୀମାର୍ଗସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ପକ୍ଷରୁ ବୁଧବାର ‘ବର୍ଷାଗୀତି’ କବିତା ଓ ‘ସାହିତ୍ୟରେ ବର୍ଷା’ ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪୦ରୁ ଅଧିକ କବୟିତ୍ରୀ, କବି ଯୋଗ ଦେଇଥିଲେ। ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଅନୁଗୋଳର ସମ୍ପାଦକ ଦୁର୍ଯ୍ୟୋଧନ ସାହୁ ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହ ଭାଷା ସାହିତ୍ୟର ବିକାଶ ନିମନ୍ତେ ଲେଖା ଓ ଲେଖକଙ୍କ ସହିତ ପାଠକ ଏବଂ ପୃଷ୍ଠପୋଷକଙ୍କ ଗୁରୁତ୍ୱ ସମ୍ପର୍କରେ କହିଥିଲେ। ଅନୁଷ୍ଠାନ ଅଧ୍ୟକ୍ଷ ତଥା ସାହିତ୍ୟ ଆସରର ସଭାପତି ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ଶାନ୍ତନୁ କୁମାର ସର ସ୍ୱାଗତ ଭାଷଣ ଦେଇ ସାହିତ୍ୟରେ ବର୍ଷାର ଉପସ୍ଥିତିକୁ ସୁନ୍ଦର ଭାବେ ବର୍ଣ୍ଣନା କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ କୁମୁଦ ଚନ୍ଦ୍ର ଦାଶ ଯୋଗଦେଇ ସାରଳା ଯୁଗରୁ ଆଧୁନିକ ଯୁଗର ସାହିତ୍ୟ ପର୍ଯ୍ୟନ୍ତ ସାହିତ୍ୟରେ ବର୍ଷା କିପରି ଭରି ରହିଛି ତାହା ବର୍ଣ୍ଣନା କରିଥିଲେ। ସମ୍ମାନିତ ଅତିଥି ଭାବେ ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଓଡ଼ିଆ ବିଭାଗ ମୁଖ୍ୟ ଡ. କାହ୍ନୁଚରଣ ପାଢ଼ୀ ଯୋଗଦେଇ କବିତା କିପରି ନିୟମ ନ ମାନି ସ୍ୱତଃ ମନରୁ ଲେଖି ହୋଇଯାଏ ତାହା ପ୍ରକାଶ କରିଥିଲେ। ସଂଯୋଜକ ତଥା ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଓଡ଼ିଶା ରାଜ୍ୟ ସମ୍ପାଦକ ରାମକୃଷ୍ଣ ତ୍ରିପାଠୀ ଅନୁଷ୍ଠାନର ସାଙ୍ଗଠନିକ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଔପନ୍ୟାସିକା, ଗାଳ୍ପିକା ତଥା କବି ଗାୟତ୍ରୀ ଦାସ ଏବଂ କବି ଓ ସୁଲେଖିକା ଗୋଲାପ ନନ୍ଦ ଚମତ୍କାର କବିତା ସଂଯୋଜନା କରିଥିଲେ। କବି ସଦାନନ୍ଦ ପରିଡ଼ା, କବି ନିରଞ୍ଜନ ପତି, ସନତ କୁମାର ନାୟକ, ଗୀତାମୟୀ ମହାପାତ୍ର, ମନୋଜ କୁମାର ବେହେରା, ସାନନ୍ଦ ପରିଡ଼ା, ସୁଶୀଲ କୁମାର, ଶାନ୍ତିଲତା ରଥ, ସରୋଜିନୀ ଦେଇ, ଧୀରେନ ମିଶ୍ର, ଯଦୁମଣି ସାହୁ ପ୍ରମୁଖ ପ୍ରାୟ ୪୦ ଜଣ କବି ଯୋଗଦେଇ ବର୍ଷା ସମ୍ପର୍କିତ ସ୍ୱରଚିତ କବିତାମାନ ପାଠ କରିଥିଲେ। ସମ୍ପାଦକ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

